# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

### 16 May - 2024

### News Editor : Tapan Kumar Maharana

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ୪ଟି ସଂସଦୀୟ କ୍ଷେତ୍ରରେ ହୋଇଥିବା ନିର୍ବାଚନରେ ପୂର୍ବଥର ତୁଳନାରେ ୨ ପ୍ରତିଶତ ଅଧିକ ମତଦାନ ହୋଇଛି, କହିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ
- ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର ଜୋର୍‌ସୋର୍
- ଖଲ୍ଲିକୋଟ୍‌ରେ ଘଟିଥିବା ନିର୍ବାଚନୀ ହିଂସାରେ ନିର୍ବାଚନ କମିଶନଙ୍କ ସମେତ ବିଭିନ୍ନ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ

ଏବଂ

- ଲକ୍ଷଣ ଓ ଚିକିତ୍ସାକୁ ସୁନିଶ୍ଚିତ କରାଇବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଡେଙ୍ଗୁ ଦିବସ

*Desk*

## ରାଜ୍ୟରେ ମତଦାନ ହାର

ରାଜ୍ୟରେ ଅନୁଷ୍ଠିତ ଚଳିତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନରେ ଭୋଟ୍ ହାର ପୂର୍ବଥର ତୁଳନାରେ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଏବଂ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ହୋଇଥିବା ମତଦାନ ୨ ପ୍ରତିଶତ ବୃଦ୍ଧି ପାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ଧଳ କହିଛନ୍ତି ଚଳିତମାସ ୧୩ ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରାୟ ୭୫ ଦଶମିକ ୬/୮ ପ୍ରତିଶତ ମତଦାନ ହୋଇଥିଲା । ଚଳିତ ନିର୍ବାଚନରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ୨୩ଲକ୍ଷ ୩୨ହଜାର ପୁରୁଷ ଭୋଟ୍ ଦେଇଥିବାବେଳେ ୨୪ଲକ୍ଷ ୨୬ହଜାର ମହିଳା ମତଦାନ କରିଥିଲେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି । ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ସର୍ବାଧିକ ମତଦାନ ୮୨ ଦଶମିକ ୧/୬ ପ୍ରତିଶତ ହୋଇଥିବାବେଳେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ୬୫ଦଶମିକ ୪/୧ ପ୍ରତିଶତ ମତଦାନ ଥିଲା ।

*BBSR*

## ନିର୍ବାଚନ ପ୍ରଚାର

ଓଡ଼ିଶାରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଛି। ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ

କଂଗ୍ରେସର ନେତା ଓ ତାରକା ପ୍ରଚାରକମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି। ଆଜି ଭୁବନେଶ୍ୱରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ରୋଡ୍ ସୋ’ କରିଛନ୍ତି। ଏହି ରୋଡ୍ ସୋ’ ଭୁବନେଶ୍ୱର ମାଉସୀମା ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଶ୍ରୀ ନଡ୍ଡାଙ୍କ ସହ ଦଳୀୟ ସାଂସଦ ପ୍ରାର୍ଥୀ ଅପରାଜିତ ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ବାବୁ ସିଂ ସାମିଲ ହୋଇଥିଲେ। ରୋଡ୍ ସୋ’ ଲିଙ୍ଗରାଜ ମନ୍ଦିର ନିକଟରେ ପହଁଞ୍ଚିବା ପରେ ଶ୍ରୀ ନଡ୍ଡା ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିଥିଲେ। ଆଜି ଶ୍ରୀ ନଡ୍ଡା ବରଗଡ଼ର ପଦ୍ମପୁର ଏବଂ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଅନ୍ୟପକ୍ଷରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଜି ଓ ଆସନ୍ତାକାଲି ୯ଟି ଜନସଭାକୁ ସମ୍ବୋଧିତ କରିବେ। ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଜି ବିଜେପୁର ଏବଂ ବୀରମହାରାଜପୁର ଏବଂ ଆସନ୍ତାକାଲି ସୁନ୍ଦରଗଡ଼ର ତରଳସରା ଏବଂ ରାଜଗାଙ୍ଗପୁରଠାରେ ଜନସଭାକୁ ସମ୍ବୋଧନ କରିବେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଆସନ୍ତାକାଲି ତିନୋଟି ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭୂପେନ୍ଦ୍ର ଯାଦବ ଏବଂ ସାଂସଦ ହେମାମାଳିନୀ ନିର୍ବାଚନୀ ଗସ୍ତରେ ଆସି ପ୍ରଚାର କରିବେ ବୋଲି ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି।

ସେହିପରି ଆଜି ସନ୍ଧ୍ୟାରେ ବିଜେଡି ଅଧ୍ୟକ୍ଷ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀର ଗଙ୍ଗନଗରଠାରେ  ଏକ ରୋଡ ଶୋ'ରେ ଭାଗନେବେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଆଜି କନ୍ଧମାଳ ଜିଲ୍ଲା ଏବଂ ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

## ରାଜ୍ୟରେ ନିର୍ବାଚନ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ବାକି ତିନୋଟି ପର୍ଯ୍ୟାୟ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ଦାର୍ କରାଯାଇଛି। ଆସନ୍ତା ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସ୍କା, କନ୍ଧମାଳ, ବଲାଙ୍ଗୀର, ବରଗଡ଼ ଓ ସୁନ୍ଦରଗଡ଼ ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ପାଇଁ  ମତଦାନ ହେବ।

ଅନ୍ୟପକ୍ଷରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି। ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ଚଳିତ ମାସ ୨୫ ଏବଂ ଚତୁର୍ଥ ପର୍ଯ୍ୟାୟରେ ଜୁନ୍ ପହିଲାରେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। ଚତୁର୍ଥ ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର,

କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଏବଂ ଏହା ଅଧୀନରେ ଥିବା ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ ହେବ ।

***Ganjam***

## ହିଂସାକାଣ୍ଡକୁ ମୁଖ୍ୟ ନିର୍ବାଚନଙ୍କ ଉଦ୍‌ବେଗ

ଗଞ୍ଜାମ ଜିଲ୍ଲାରେ ନିର୍ବାଚନ ପୂର୍ବରୁ ସୃଷ୍ଟି ହୋଇଥିବା ହିଂସା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଭାରତର ନିର୍ବାଚନ ଆୟୋଗ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କୌଣସି ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଶୂନ୍ୟ ସହନଶୀଳତା ନୀତି ଆପଣାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ହିଂସାକୁ ଆୟତ୍ତ କରି ଶୀଘ୍ର ଶାନ୍ତି ପ୍ରତିଷ୍ଠା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଗଞ୍ଜାମ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

***Ganjam***

## ନିର୍ବାଚନୀ ହିଂସା

ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟରେ ଘଟିଥିବା ପ୍ରାକ୍ ନିର୍ବାଚନୀ ହିଂସାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ଗତ ରାତିରେ ଗୋଟିଏ ରାଜନୈତିକ ଦଳର କର୍ମୀମାନେ ପୋଷ୍ଟର ମାରୁଥିବାବେଳେ ଅନ୍ୟ ଏକ ରାଜନୈତିକ ଦଳର କର୍ମୀମାନେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିବା

ଅଭିଯୋଗ ହୋଇଛି । ଚିକିତ୍ସାଧୀନ ଅବସ୍ଥାରେ ଗୁରୁତର ଆହତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାରେ  ପୁଲିସ୍ ବିଭିନ୍ନ ଅପରାଧିକ ଧାରା ଓ ମାରଣାସ୍ତ୍ର ନିରୋଧି ଆଇନରେ ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରିଛି ।

*Ganjam*

## ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା

ଗଞ୍ଜାମ ଖଲ୍ଲିକୋଟରେ ପ୍ରାକ୍ ନିର୍ବାଚନୀ ହିଂସାରେ ଜଣଙ୍କର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଗଣତନ୍ତ୍ରରେ ଓ ସଭ୍ୟ ସମାଜରେ ଏଭଳି ହିଂସାର କୌଣସି ସ୍ଥାନ ନାହିଁ ବୋଲି କହିଛନ୍ତି । ଏହି ଘଟଣାକୁ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି । ଏହି ଘଟଣାରେ ପୁଲିସ ଦୃଢ଼ ପଦକ୍ଷେପ ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏକ ଟୁଇଟ୍ ଜରିଆରେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ପ୍ରଧାନ ସମବେଦନା ଜଣାଇଛନ୍ତି । ଗଣତନ୍ତ୍ରରେ ହିଂସା ଓ ଅନ୍ୟାୟର କୌଣସି ସ୍ଥାନ ନାହିଁ ବୋଲି

ଶ୍ରୀ ପ୍ରଧାନ କହିବା ସହିତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କହିଛନ୍ତି ।

## ନିର୍ବାଚନ-କେନ୍ଦ୍ରାପଡ଼ା

ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ଜୁନ୍ ପହିଲାରେ କେନ୍ଦ୍ରାପଡ଼ା ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍‌ଗ୍ରହଣ କରାଯିବ ।

ଜିଲ୍ଲାରେ ନିର୍ବାଚନ ସ୍ଥିତି ନେଇ କେନ୍ଦ୍ରାପଡ଼ାରୁ ଆମ ସମ୍ବାଦଦାତା **ନିହାର ରଞ୍ଜନ ସାହୁ**ଙ୍କ ରିପୋର୍ଟ....

## - V/O –

***Puri***

## ରଥ ନିର୍ମାଣ କାର୍ଯ୍ୟ

ପୁରୀ ଶ୍ରୀମନ୍ଦିର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଆଜି ଷଷ୍ଠ ଦିନ ସୁଦ୍ଧା ୪୨ଟି 'ତୁମ୍ବ' ଗୋଲେଇ କାମ ସରିଥିବା ବେଳେ ସେଥିରେ ସୂତାବାଡ଼ିଆ କାର୍ଯ୍ୟ ଆରମ୍ଭ ହୋଇଛି । 'ତୁମ୍ବ'ର ବଳକା ଅଂଶର ଠେକ ତୁଲିଆଦିଆ କାର୍ଯ୍ୟ କରାଯାଇ, ପରେ ବିନ୍ଧ ଅନୁକୂଳ କରାଯାଇଛି । ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଏହା ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି ।

***Desk***

## ବିଶ୍ୱ ଡେଙ୍ଗୁ ଦିବସ

ଡେଙ୍ଗୁ ଜ୍ୱର ବାବଦରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ ଡେଙ୍ଗୁ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ଡେଙ୍ଗୁ ଦିବସର ବାର୍ତ୍ତା ରହିଛି– ଲକ୍ଷଣ ଏବଂ ଚିକିତ୍ସା । ଆଣ୍ଠୁଗଣ୍ଠି ଅଧିକ ପରିମାଣରେ ଦରଜା ହେବା, ପାଟି କିମ୍ବା ନାକରୁ ରକ୍ତ ବାହାରିବା, ଜ୍ୱର ସହ ମୁଣ୍ଡବିଧା ଏବଂ ବାନ୍ତି ହେବା, ଭୋକ ନ ହେବା ଏବଂ ରକ୍ତ ପ୍ଲେଟଲେଟ୍ କମିଯିବା ହେଉଛି ଡେଙ୍ଗୁ ଜ୍ୱରର ଲକ୍ଷଣ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଜଣେ ଲୋକଙ୍କୁ ଡେଙ୍ଗୁ ଦ୍ୱିତୀୟଥର ହେଲେ ଅଧିକ ବିପଜ୍ଜନକ ହୋଇଥାଏ । ରାଜ୍ୟରେ ଡେଙ୍ଗୁର ଏ ପର୍ଯ୍ୟନ୍ତ କୌଣସି ନିଶ୍ଚିତ ଚିକିତ୍ସା ନାହିଁ କି ଔଷଧ ନାହିଁ । ଦୁଇଟି ପର୍ଯ୍ୟାୟରେ ଏହା ଚିକିତ୍ସା କରାଯାଇଥାଏ । ପ୍ରଥମଟି ଯଥେଷ୍ଟ ପରିମାଣରେ ପାଣି ପିଇବା ଆବଶ୍ୟକ । ଏହା ସହିତ ସାଲାଇନ୍ ଏବଂ ଓଆରଏସ୍ ପାଣି ଦିଆଯିବ ଉଚିତ । ଦ୍ୱିତୀୟଟି ହେଲା– ଡାକ୍ତରଙ୍କର ପରାମର୍ଶ ଅନୁସାରେ ଦରକାର ପଡ଼ିଲେ ରୋଗୀଙ୍କୁ ବ୍ଲଡ୍ ପ୍ଲେଟଲେଟ୍ ଏବଂ ଅନ୍ୟ ଔଷଧ ଦେବାକୁ ପଡ଼ିଥାଏ । ରାଜ୍ୟରେ ପ୍ରାୟତଃ ଜୁନ୍ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ଡେଙ୍ଗୁର ସ୍ଥିତି ସାମାନ୍ୟ ଅଧିକା ଦେଖାଯାଏ । ଗତବର୍ଷ ରାଜ୍ୟରେ ୧ ଲକ୍ଷ ୬୩ ହଜାର ୮୭୪ ଜଣ ରୋଗୀଙ୍କର ରକ୍ତନମୂନା ପରୀକ୍ଷଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୨ ହଜାର ୮୪୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ । ଚଳିତ ବର୍ଷ ଏପ୍ରିଲ ମାସ ସୁଦ୍ଧା ୧୭୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଶିଶୁ, ଗର୍ଭବତୀ ଏବଂ ବୟସ୍କ ଲୋକମାନଙ୍କ କ୍ଷେତ୍ରରେ

ଡେଙ୍ଗୁର ଲକ୍ଷଣ ଦେଖାଗଲେ ତୁରନ୍ତ ରକ୍ତପରୀକ୍ଷା କରାଇ ନେବା ସହିତ ଆଶାକର୍ମୀ ଏବଂ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କୁହାଯାଇଛି ।

*Nabarangpur*

## ଡେଙ୍ଗୁ ଦିବସ

ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ମଳୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଭୂତାଣୁ ଜନିତ ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଚଳିତ ବର୍ଷଠାରୁ ନବରଙ୍ଗପୁର ଜିଲ୍ଲାରେ ୧୦ ଜଣ ଡେଙ୍ଗୁ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି ।

*****************************